

Notes

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୪.୪

**ଶୂନ୍ୟସ୍ଥାନ ପୂରଣ କର ।**

(କ) ସୁସ୍ଥ ଏବଂ ସଂଗଠିତ ଜନମତ ସୃଷ୍ଟି କରିବା ପାଇଁ ସମ୍ବାଦପତ୍ର ଗୁଡ଼ିକ ________ ଏବଂ ________ ହେବା ଆବଶ୍ୟକ । (ମୁକ୍ତ / ସାପେକ୍ଷ)

(ଖ) ରାଜନୈତିକ ଦଳ ଏବଂ ଜନସାଧାରଣ ଗଣତନ୍ତ୍ରରେ ________ ଏବଂ ________ ଚିନ୍ତାଧାରା ଠାରୁ ଉର୍ଦ୍ଧ୍ୱରେ ରହିବା ଉଚିତ୍ ।(ଜାତିବାଦ ଏବଂ ସାଂପ୍ରଦାୟିକତାବାଦ/ଧର୍ମ ନିରପେକ୍ଷତା ଏବଂ ଦେଶପ୍ରେମ)

(ଗ) ସୁସ୍ଥ ଏବଂ ଉତ୍ତମ ଜନମତ ଅର୍ଥନୈତିକ ________ ସମାଜ ଦାବିକରେ । (ସନ୍ତୁଳିତ / ଅସନ୍ତୁଳିତ)

## ୨୧.୫ ଚାପଗୋଷ୍ଠୀ

ସରକାରୀ ନୀତିଗୁଡ଼ିକୁ ଜନମତ କିପରି ପ୍ରଭାବିତ କରେ, ତୁମେ ଆଗରୁ ପଢ଼ିଛ । ରାଜନୈତିକ ଦଳ ବ୍ୟତୀତ ଅନ୍ୟ କେତେକ ସ୍ୱେଚ୍ଛାସେବୀ ଗୋଷ୍ଠୀ ଅଛନ୍ତି ଯେଉଁମାନେ ଜନସାଧାରଣ ଏବଂ ସମାଜର ସ୍ୱାର୍ଥ ରକ୍ଷା ପାଇଁ ସ୍ୱତନ୍ତ୍ର ରଚି ରଖିଥାନ୍ତି ।

ଚାପଗୋଷ୍ଠୀ ବା ସ୍ୱାର୍ଥନ୍ୱେଷୀ ଗୋଷ୍ଠୀ ଗୁଡ଼ିକ ସଂଗଠିତ ଏବଂ ସେମାନଙ୍କର ସାଧାରଣ ଏବଂ ସାମାଜିକ ସ୍ୱାର୍ଥ ସମ୍ବଳିତ ଚିନ୍ତାଧାରା ସରକାରୀ ନିଷ୍ପତ୍ତି ଗ୍ରହଣରେ ବାହାରୁ ଚାପ ସୃଷ୍ଟି କରି ସେମାନଙ୍କ ସ୍ୱାର୍ଥ ହାସଲ କରନ୍ତି । ଏହା ପ୍ରାୟ ସମସ୍ତ ଦେଶରେ ଦେଖାଯାଏ ଏବଂ ଏହାର ସଦସ୍ୟତା ଇଚ୍ଛାଧୀନ ଅଟେ ।

ଏହି ଚାପଗୋଷ୍ଠୀଗୁଡ଼ିକ ସୀମିତ ତଥା ସଂକୀର୍ଣ୍ଣ ସମସ୍ୟା ଉପରେ ଗୁରୁତ୍ୱ ଦେଇଥାନ୍ତି । ସେମାନଙ୍କର ଅସାଧାରଣ, ଲୁକ୍କାୟିତ ତଥା ଅସ୍ୱୀକୃତ ପ୍ରକୃତି ଥାଏ । ରାଜନୈତିକ ଦଳଗୁଡ଼ିକ ପରି ଏମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି ନାହିଁ । ସେମାନେ ସରକାରଙ୍କ ଉପରେ ବିଭିନ୍ନ କୌଶଳ ପ୍ରୟୋଗ କରି ଚାପ ସୃଷ୍ଟି କରୁଥିବାରୁ ସେମାନଙ୍କୁ ଚାପଗୋଷ୍ଠୀ ବୋଲି କୁହାଯାଏ । ତାଛଡ଼ା ଜାତୀୟ ରାଜନୀତିରେ ସେମାନେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ଏମାନେ ରାଜନୈତିକ ଦଳ ଗୁଡ଼ିକର କାର୍ଯ୍ୟକୁ ସହାୟତା ପ୍ରଦାନ କରି ସେମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଜନମତ ସୃଷ୍ଟିରେ ସାହାଯ୍ୟ କରନ୍ତି ।

ଭିନ୍ନ ଭିନ୍ନ ଚାପଗୋଷ୍ଠୀ ବିଭିନ୍ନ ରାଜନୈତିକ ଦଳୀୟ ବ୍ୟବସ୍ଥାରେ ଭିନ୍ନ ଭିନ୍ନ କାର୍ଯ୍ୟ କରିଥାନ୍ତି । ବିଭିନ୍ନ ରାଜନୈତିକ ବ୍ୟବସ୍ଥାରେ ଭିନ୍ନ ଭିନ୍ନ ପ୍ରକାର ଚାପଗୋଷ୍ଠୀ ଭିନ୍ନ ଭିନ୍ନ ପଦ୍ଧତି ଅବଲମ୍ବନ କରି ନିମ୍ନଲିଖିତ ପା*ଗୋଟି କାରଣ ଯୋଗୁଁ କାର୍ଯ୍ୟ କରିଥାନ୍ତି ।

୧। ରାଜନୈତିକ ଅନୁଷ୍ଠାନଗୁଡ଼ିକର ପ୍ରକାରକୁ ଭତ୍ତିକରି;

୨। ରାଜନୈତିକ ଦଳୀୟ ବ୍ୟବସ୍ଥାର ପ୍ରକୃତିକୁ ଭିତ୍ତିକରି;

୩। ବିଭିନ୍ନ ସମସ୍ୟାକୁ ଭିତ୍ତିକରି ସମ୍ମୁଖୀନ ହେଉଥିବା, ଅସୁବିଧା ଗୁଡ଼ିକୁ ଭିତ୍ତି କରି;

୪। ଜନସାଧାରଣ ତଥା ନେତାଙ୍କ ଦୃଷ୍ଟିଭଙ୍ଗୀ ତଥା ରାଜନୈତିକ ସଂସ୍କୃତିକୁ ଭତ୍ତିକରି;

୫। ସ୍ୱାର୍ଥନ୍ୱେଷୀ ଗୋଷ୍ଠୀର ପ୍ରକୃତି ଏବଂ ପ୍ରକାର ଭେଦକୁ ଭତ୍ତିକରି ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୧.୫

**ଶୂନ୍ୟସ୍ଥାନ ପୂରଣ କର ।**

(କ) ଚାପଗୋଷ୍ଠୀ ଗୁଡ଼ିକୁ ଚାପଗୋଷ୍ଠୀ କହିବାର କାରଣ ହେଲା ସେମାନେ ସରକାରଙ୍କ ଉପରେ ________ ସୃଷ୍ଟି କରନ୍ତି । (ଚାପ / ସମାଲୋଚନା)

(ଖ) ନିର୍ବାଚନରେ ଅଂଶଗ୍ରହଣ କରୁନଥିବା ହେତୁ ଚାପଗୋଷ୍ଠୀ ଗୁଡ଼ିକୁ ________ ଠାରୁ ପୃଥକ୍ ଅଟନ୍ତି । (ରାଜୈନତିକ ଦଳ, ଅଣ ସ୍ୱେଚ୍ଛାସେବୀ ଗୋଷ୍ଠୀ)

(ଗ) ଚାପଗୋଷ୍ଠୀ ଗୁଡ଼ିକ ________ କୁ ପ୍ରଭାବିତ କରିଥାନ୍ତି । (ଜନମତ, ରାଜନୈତିକ ଦଳ)

(ଘ) ଭିନ୍ନ ଭିନ୍ନ ରାଜନୈତିକ ବ୍ୟବସ୍ଥାରେ ଚାପଗୋଷ୍ଠୀଗୁଡ଼ିକ କାର୍ଯ୍ୟ/ଶୈଳୀ ________ ଅଟେ ।

(ଭିନ୍ନ ଭିନ୍ନ, ସମାନ)

(ଙ) ଜନସାଧାରଣ ଏବଂ ରାଜନୈତିକ ନେତାଙ୍କର ରାଜନୈତିକ ସଂସ୍କୃତି ତଥା ଦୃଷ୍ଟିଭଙ୍ଗୀ ଚାପ ଗୋଷ୍ଠୀର କାର୍ଯ୍ୟକୁ ________ । (ପ୍ରଭାବିତ କରେ / ପ୍ରଭାବିତ କରେ ନାହିଁ )

## ୨୧.୬ ଭାରତରେ ଚାପଗୋଷ୍ଠୀର ପ୍ରକାର ଭେଦ

ଆମେ ଆଗରୁ ଜାଣିଛେ, ପୃଥିବୀର ଅନେକ ଦେଶ ଭଳି ଭାରତରେ ମଧ୍ୟ ଅନେକ ପ୍ରକାର ଚାପଗୋଷ୍ଠୀ ରହିଛନ୍ତି । ଏମାନେ ନିଜ ନିଜ ସ୍ୱାର୍ଥପାଇଁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ପ୍ରଭାବିତ କରନ୍ତି । ଏମାନଙ୍କୁ ମୁଖ୍ୟତଃ ସେମାନଙ୍କ ଲକ୍ଷ ଏବଂ ଉଦ୍ଦେଶ୍ୟ ଭିତ୍ତିରେ ଚାରିଭାଗରେ ବିଭକ୍ତ କରାଯାଇଥାଏ ।

| | |
|---|---|
| ବୃତ୍ତିଗତ ଚାପଗୋଷ୍ଠୀ | ସାମାଜିକ - ସାଂସ୍କୃତିକ ଚାପଗୋଷ୍ଠୀ |
| ଆନୁଷ୍ଠାନିକ ଚାପଗୋଷ୍ଠୀ, | ଅସ୍ଥାୟୀ ଚାପଗୋଷ୍ଠୀ |

### (କ) ବୃତ୍ତିଭିତ୍ତିକ ଚାପଗୋଷ୍ଠୀ :

ଏହି ପ୍ରକାର ଚାପଗୋଷ୍ଠୀଗୁଡ଼ିକ ସାଧାରଣତଃ ନିଜ ଗୋଷ୍ଠୀର ସ୍ୱାର୍ଥସାଧନ ପାଇଁ ବୃତ୍ତିଭିତ୍ତିକ କର୍ମଚାରୀମାନଙ୍କୁ ନେଇ ଗଠିତ ହୋଇଥାଏ । ପର୍ଯ୍ୟାପ୍ତ ସମ୍ବଳ ଯୁକ୍ତ, ଯଥେଷ୍ଟ ପରିଚାଳନା ଗତ ଅଭିଜ୍ଞ ବୈଷୟିକ ଜ୍ଞାନ ସମ୍ପନ୍ନ, ଅଭିଜ୍ଞ ପରିଚାଳନା କୌଶଳ, ସରକାରୀ ସ୍ତରରେ ଥିବା ଶୀର୍ଷାଧିକାରୀଙ୍କ ସହ ସମ୍ପର୍କ ପ୍ରଶାସନ ଏବଂ ସମ୍ବାଦ ସରବରାହ ସଂସ୍ଥା ସହ ଉପଯୁକ୍ତ ସମ୍ପର୍କ ତଥା ବିରୋଧି ଦଳସହ ସମନ୍ୱୟ ଥିବା ଏକ ସୁସଂଗଠିତ ଏବଂ କ୍ଷମତାଶାଳୀ ଚାପଗୋଷ୍ଠୀ ଅଟନ୍ତି ।

ବୃହତ୍ତ ବ୍ୟବସାୟୀ ଗୋଷ୍ଠୀର ଉଭୟ ସଂସଦ ଏବଂ ବିଧାନ ସଭାରେ ନିଜର ଲବିଥାଏ । ସେମାନଙ୍କ ଦ୍ୱାରା ନିଯୁକ୍ତ ଜନସମ୍ପର୍କ ଅଧିକାରୀ ଏବଂ ପ୍ରତିନିଧିମାନେ ପ୍ରଶାସନ ଏବଂ ଅମଲାତନ୍ତ୍ର ସହ ନିୟମିତ ସମ୍ପର୍କରେ ଥାଆନ୍ତି । ଭାରତରେ ସର୍ବବୃହତ ଏବଂ ପ୍ରଭାବଶାଳୀ ଘରୋଇ ପୁଞ୍ଜିବିନିଯୋଗକାରୀ ସଂସ୍ଥା ଭାବରେ ଭାରତୀୟ ବାଣିଜ୍ୟ ଏବଂ ଶିଳ୍ପ ସଂଘ ପରିଚିତ । ଏହା ୪୦,୦୦୦ରୁ ଅଧିକ ବ୍ୟବସାୟୀ ସଂସ୍ଥାକୁ ପ୍ରତିନିଧିତ୍ୱ କରେ । ଏହାର ନିଜସ୍ୱ ଏକ ନିଗମିତ ବିଶ୍ୱ ବାଣିଜ୍ୟ ସଂସ୍ଥା ଥାଏ । ରାଜନୈତିକ ଦଳମାନେ ଏହି ସଂସ୍ଥା ଉପରେ ନିଜର ସମ୍ବଳ ପାଇଁ ନିର୍ଭରଶୀଳ । ପ୍ରତିବଦଳରେ ରାଜନୈତିକ ଦଳମାନେ ଏହି ଗୋଷ୍ଠୀର ସ୍ୱାର୍ଥସାଧନପାଇଁ ସେମାନଙ୍କୁ

ବ୍ୟବସାୟ, ଶୁଳ୍କ ଏବଂ ବିନିଯୋଗ ତଥା କର ଇତ୍ୟାଦି କ୍ଷେତ୍ରରେ ରିହାତି ପ୍ରଦାନ କରିଥାନ୍ତି । ସାଂପ୍ରତିକ ଜଗତୀକରଣ ଏବଂ ଉଦାରୀକରଣ ପରିପ୍ରେକ୍ଷୀରେ ଭାରତୀୟ ବାଣିଜ୍ୟ ଏବଂ ଶିଳ୍ପସଂଘର ଗୁରୁତ୍ୱ ସବୁଠାରୁ ଅଧିକ ଅଟେ । ସରକାର ନିଜର ଅର୍ଥନୈତିକ ଏବଂ ବାଣିଜ୍ୟିକ ନୀତିନିୟମ ପ୍ରସ୍ତୁତ କଲାବେଳେ ଏହି ସଂଘର ଉପଦେଶ ଗ୍ରହଣ କରିଥାନ୍ତି ।




**(ଫଟୋଚିତ୍ର : ଭାରତୀୟ ବାଣିଜ୍ୟ ଓ ଶିଳ୍ପ ସଂଘ)**

ଅନ୍ୟାନ୍ୟ ବ୍ୟବସାୟୀ ଗୋଷ୍ଠୀ ତଥା 'ଆସୋଚାମ୍' ବା ଭାରତୀୟ ଉପବାଣିଜ୍ୟ ସଂଘ (Associated Chamber of Commerce), ଭାରତୀୟ ଶୀଳ୍ପ ସଂଘ (Confederation of Indian Idustries), ଟାଟା, ବିରଳା, ଡିସିଏମ୍ (DCM), ଡାଲମିୟା ଏବଂ ହିନ୍ଦିସ୍ତାନ ଲିଭର ଇତ୍ୟାଦି ବ୍ୟବସାୟୀ ଗୋଷ୍ଠୀ ମଧ୍ୟ ଦେଶର ସରକାରୀ ଶିଳ୍ପ ନୀତି ଏବଂ ନିୟମକୁ ପ୍ରଭାବିତ କରିଥାନ୍ତି ।

ବିଭିନ୍ନ ବାଣିଜ୍ୟିକ ସଂଘ, ଶ୍ରମିକ ସଂଗଠନ, ଶିକ୍ଷକ ଏବଂ ଛାତ୍ର ସଂଘ ଏବଂ ଅଖିଳ ଭାରତୀୟ ସ୍ୱାସ୍ଥ୍ୟ ସଂଘ, ଭାରତୀୟ ଡାକ ଓ ତା'ର କର୍ମଚାରୀ ଭଳି ଅନ୍ୟାନ୍ୟ ସଂଘ ମଧ୍ୟ ବୃତ୍ତିଭିତ୍ତିକ ଚାପଗୋଷ୍ଠୀ ପର୍ଯ୍ୟାୟଭୁକ୍ତ । ତେଣୁ ବଡ଼ ବଡ଼ ବ୍ୟବସାୟୀ ଗୋଷ୍ଠୀ ଆମଦେଶରରେ ଆର୍ଥିକ, ଶିଳ୍ପ କ୍ଷେତ୍ରରେ ତଥା ବାଣିଜ୍ୟ ନୀତି ପ୍ରସ୍ତୁତି କ୍ଷେତ୍ରରେ ବିଗତ ଅନେକ ବର୍ଷଧରି ନିଜର ପ୍ରଭାବ ବିସ୍ତାର କରି ଚାଲିଛନ୍ତି ।

ଭାରତରେ ସ୍ୱାଧୀନତା ପୂର୍ବରୁ ବିଭିନ୍ନ ବ୍ୟବସାୟୀ ସଂଘ ତଥା ଶ୍ରମିକ ସଂଗଠନ ଗୁଡ଼ିକ ରହି ଆସିଛନ୍ତି । ସର୍ବଭାରତୀୟ ଟ୍ରେଡ଼ ୟୁନିୟନ କଂଗ୍ରେସ (AITUC) ୧୯୨୦ ମସିହାରେ ଶ୍ରମଜୀବୀମାନଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ଗଠିତ ହୋଇଛି । ହିନ୍ଦ୍ ମଜଦୁର ସଂଘ, ସିଟୁ, Centre of Indian Trade Union ଇତ୍ୟାଦି ଏହି ପ୍ରକାର ବାଣିଜ୍ୟ ଗୋଷ୍ଠୀର ଉଦାହରଣ ଅଟନ୍ତି ।

ସାଧାରଣତଃ ଦେଖାଯାଏ ଯେ, ରାଜନୈତିକ ଦଳଗୁଡ଼ିକ ନିଜ ନିଜର ସ୍ୱାର୍ଥ ସାଧନ ପାଇଁ କୃଷକ ଏବଂ କୃଷିଜୀବୀମାନଙ୍କୁ ଶୋଷଣ କରିଥାନ୍ତି । ସେଥିପାଇଁ ଏହି ସମସ୍ତ ଶୋଷିତ ବର୍ଗଙ୍କ ସ୍ୱାର୍ଥରକ୍ଷା ପାଇଁ ସେମାନଙ୍କୁ ଏକତାବଦ୍ଧ କରାଇବା ଉଦ୍ଦେଶ୍ୟରେ ଏକ ଆହ୍ୱାନ ଦିଆଯାଇଥିଲା । ସେମାନେ ସମସ୍ତେ କୃଷିକ୍ଷେତ୍ରରେ ସେମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଲକ୍ଷ୍ୟ ରଖି କୃଷିଜାତ ଦ୍ରବର ମୂଲ୍ୟ ବୃଦ୍ଧି, ରସାୟନ ସାରରେ ରିହାତି ତଥା ଋଣ ଏବଂ ସାର ଯୋଗାଣ କ୍ଷେତ୍ରରେ ଚାପ ସୃଷ୍ଟି କରିବା ଲକ୍ଷ୍ୟରେ ଆଗେଇ ଥାନ୍ତି । ଭାରତୀୟ କିଷାନ୍ ସଂଘ, ହରିୟାନା, ଉତ୍ତରପ୍ରଦେଶ, ପଞ୍ଜାବ ଏବଂ କର୍ଣ୍ଣାଟକ ପ୍ରଭୃତି ରାଜରେ କୃକେ ସଂଗଠନ ଗୁଡ଼ିକ କୃଷି କ୍ଷେତ୍ରରେ ସରକାରୀ ନିଷ୍ପତ୍ତି ଗ୍ରହଣରେ ନିଜର ପ୍ରଭାବ ବିସ୍ତାର କରିବାଦ୍ୱାରା ଏକ ଶ୍ରେଣୀ ସଚେତନତା ବୃଦ୍ଧି କରିବା ସଙ୍ଗେ ସଙ୍ଗେ

ଜାତୀୟ ଚେତନା ସୃଷ୍ଟି କରିବାକୁ ସକ୍ଷମ ହୋଇପାରିଛନ୍ତି । ଏହି ସଂଘ ମଧ୍ୟରେ ପୁଞ୍ଜି ଭିତ୍ତିକ ତଥା ଆର୍ଥିକ କ୍ଷମତା ସମ୍ପନ୍ନ ସମ୍ପନ୍ନ ହୋଇନଥିଲେ ମଧ୍ୟ ଦଳିତ ଏବଂ ଅବହେଳିତ ଗୋଷ୍ଠୀଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ସେମାନେ ନୀରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି ।

ଶିକ୍ଷା କ୍ଷେତ୍ରରେ ମଧ୍ୟ, ଛାତ୍ର, ଶିକ୍ଷକ ଏବଂ ବିଦ୍ୟାଳୟ ତଥା ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଧନ୍ଦା ଭିତ୍ତିକ କର୍ମଚାରୀମାନଙ୍କର ମଧ୍ୟ ଭିନ୍ନ ଭିନ୍ନ ସଂଗଠନ ରହିଛି । ସେମାନେ ନିଜ ନିଜର ଭବିଷ୍ୟତନିଧି ପାଣ୍ଠି, ଅବସରକାଳୀନ ଭତ୍ତା, ପ୍ରୋତ୍ସାହନ ଭତ୍ତା ଇତ୍ୟାଦି ପାଇଁ ଜନମତକୁ ନିଜ ସପକ୍ଷରେ ଆଣିବା ପାଇଁ ସରକାରୀ ନିଷ୍ପତ୍ତି ଗ୍ରହଣରେ ନିଜର ପ୍ରଭାବ ବିସନ୍ତାର କରିଚାଲିଛନ୍ତି । ପର୍ଯ୍ୟାପ୍ତ ଛୁଟୀ, ନୂଆ ବୃତ୍ତିଭିତ୍ତିକ ଅନୁଷ୍ଠାନ ଖୋଲିବା, ପର୍ଯ୍ୟାପ୍ତ ଗମାନ ଗମନ ସୁବିଧା, ଦେୟ ବ୍ୟବସ୍ଥାରେ ସୁବିଧା ସୁଯୋଗ ପାଇଁ ଦାବି କରୁଛନ୍ତି । ଏହାର ଉଦାରହଣ ହେଲା ଭାରତୀୟ ଜାତୀୟ ଛାତ୍ର ସଂଗଠନ, ଭାରତୀୟ ଜନତା ଯୁବ ମଞ୍ଚ, ସର୍ବଭାରତୀୟ ଶିକ୍ଷକ ସଂଘ, ସର୍ବ ଭାରତୀୟ ଛାତ୍ର ସଂଗଠନ, ବିଶ୍ୱବିଦ୍ୟାଳୟ ଛାତ୍ର ସଂଗଠନ ଇତ୍ୟାଦି ।

### (ଖ) ସାମାଜିକ-ସାଂସ୍କୃତିକ ସ୍ୱାର୍ଥ ଗୋଷ୍ଠୀ :

ଆର୍ଯ୍ୟ ପ୍ରତିନିଧି ସଭା, ଜନସେବା ସଂଘ, ରାମକୃଷ୍ଣ ମିଶନ, ଆର୍ଯ୍ୟ ସମାଜ, -ଇ-ଇସ୍‌ଲାମୀ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବିଶ୍ୱହିନ୍ଦୁ ପରିଷଦ, ଖ୍ରୀଷ୍ଟିୟାନ ସଂଘ, ବଜରଙ୍ଗଦଳ, ସଂସ୍କୃତ ସାହିତ୍ୟ ନିକେତ, ପଞ୍ଜାବୀ ନିକେତନ, ମରାଠୀ ସଂଘ, ଭାରତୀୟ ଆଦୀମ ଜାତିସଂଘ, ସେର୍‌ନାଥୀ ଅଫ୍ ପିପୁଲ୍‌ସ ସୋସାଇଟି ଇତ୍ୟାଦି ।

### (ଗ) ଆନୁଷ୍ଠାନିକ ସ୍ୱାର୍ଥ ଗୋଷ୍ଠୀ :

ସରକାରୀ କଳ ମଧ୍ୟରେ ରହି କେତେକ ଚାପଗୋଷ୍ଠୀ ମଧ୍ୟ କାର୍ଯ୍ୟ କରନ୍ତି । ରାଜନୈତିକ ବ୍ୟବସ୍ଥାସହ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ନହୋଇ ମଧ୍ୟ ସରକାରୀ ନିଷ୍ପତ୍ତି ଗ୍ରହଣରେ ଏହି ଗୋଷ୍ଠୀ ପ୍ରଭାବ ବିସ୍ତାର କରିଥାନ୍ତି । ସାମାଜିକ ସେବା ସଂଘ, ଆରକ୍ଷୀ ମଣ୍ଡଳ ସଂଘ, ଗେଜେଟେଡ୍ ଅଫିସର ସଂଘ, ସାମରୀକ କର୍ମଚାରୀ ସଂଘ, ଆର୍ମି ଅଫିସର ସଂଘ ଓ ରେଡ୍‌କ୍ରସ ସମାଜ ଇତ୍ୟାଦି ଏହି ପର୍ଯ୍ୟାୟଭୁକ୍ତ । ବଦଳୀ ଏବଂ ଛୁଟୀ ସଂକ୍ରାନ୍ତୀୟ ନିୟମାବଳୀ ଦରବୃଦ୍ଧି ଦୃଷ୍ଟିରୁ ପର୍ଯ୍ୟାପ୍ତ ମହଙ୍ଗାଭତ୍ତା, ପର୍ଯ୍ୟାପ୍ତ କାର୍ଯ୍ୟ ସୁବିଧା ଇତ୍ୟାଦି ଏହି ଚାପଗୋଷ୍ଠୀ ଦାବୀ ରଖି ସରକାରୀ ନିଷ୍ପତ୍ତିକୁ ପ୍ରଭାବିତ କରନ୍ତି । ଯଦିଓ ସେମାନଙ୍କ କାର୍ଯ୍ୟକଳାପ ସର୍ବସାଧରଣୀୟ ହେଲେ ବି ଏମାନେ ବ୍ୟବସ୍ଥା ଭିତରେ ଖୁବ୍ କାର୍ଯ୍ୟଦକ୍ଷ ।

### (ଘ) ଅସ୍ଥାୟୀ ଚାପଗୋଷ୍ଠୀ :

ସ୍ୱଳ୍ପ ସମୟ ପାଇଁ ସୃଷ୍ଟି ହୋଇ କେତେକ ଚାପ ଗୋଷ୍ଠୀ ନିଜର ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ଉଦ୍ଦେଶ୍ୟରେ ସରକାରଙ୍କ ଉପରେ ଚାପସୃଷ୍ଟି କରିବା ଅସ୍ଥାୟୀ ଚାପଗୋଷ୍ଠୀର ଲକ୍ଷ୍ୟ ଅଟେ । ଥରେ ଏମାନଙ୍କ ସ୍ୱାର୍ଥ ପୂରଣ ହୋଇଗଲେ ଏହାର ବିଲୟ ଘଟିଥାଏ । ଆପତ୍ତିକାଳୀନ ଅବସ୍ଥା ଯଥା, ପ୍ରାକୃତିକ ବିପର୍ଯ୍ୟୟ, ପ୍ରତିକୂଳ ପରିସ୍ଥିତି ଏବଂ ଜରୁରୀ ସମୟରେ ଏହି ଅସ୍ଥାୟୀ ଚାପଗୋଷ୍ଠୀ ନିଜ ସପକ୍ଷରେ ସରକାରୀ ନିଷ୍ପତ୍ତି ସୃଷ୍ଟି କରିବା ଲକ୍ଷ୍ୟରେ କାର୍ଯ୍ୟ କରନ୍ତି । ଓଡ଼ିଶା ରିଲିଫ୍ ସହାୟତା ସଂଘ, ଭୂଦାନ ଅନୁଯୋଜନା, କାବେରୀ ଜଳ ବଣ୍ଟନ ସଂଘ, ଗୁଜୁରାଟ ସହାୟତା ସଂଗଠନ ଇତ୍ୟାଦି ଏହାର ଉଦାହରଣ ଅଟନ୍ତି ।

## ୨୧.୭ ଚାପଗୋଷ୍ଠୀର ଭୂମିକା

ଚାପଗୋଷ୍ଠୀ କାର୍ଯ୍ୟକୁ ସାଧାରଣତଃ ଲବି କୁହାଯାଏ । 'ଲବି' ଏକ ଆମେରିକୀୟ ଶବ୍ଦ ହୋଇଥିଲେ ହେଁ ବର୍ତ୍ତମାନ ଏହା କେବଳ ୟୁରୋପୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ନୁହେଁ ବରଂ ଜାପାନ ତଥା ବିଶ୍ୱର ଅନେକ ଭାଗରେ ଏହାର ବ୍ୟବହାର ଅଧିକମାତ୍ରାରେ ଚାଲିଛି । ସଂସଦରେ ସାଂସଦ ତଥା ବିଧାୟକମାନଙ୍କୁ ଭେଟିବା ଏବଂ ଗୃହକାର୍ଯ୍ୟ ସମ୍ପାଦନ ପାଇଁ ଲବି ସୃଷ୍ଟି କରନ୍ତି ।

ଭାରତୀୟ ରାଜନୈତିକ ବ୍ୟବସ୍ଥାରେ ଚାପଗୋଷ୍ଠୀ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏମାନେ ରାଜନୈତିକ ଦଳ ଏବଂ ଜନସଧାରଣଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବାର ମାଧ୍ୟମ ରୂପେ କାର୍ଯ୍ୟ କରନ୍ତି । ଜନସାଧାରଣଙ୍କୁ ସମାଜର ସାମାଜିକ ଅର୍ଥନୈତିକ ସମସ୍ୟା ବିଷୟରେ ଉଦ୍‌ଜିବୀତ କରାଇ ତାହା ମାଧ୍ୟମରେ ରାଜନୈତିକ ଶିକ୍ଷା ପ୍ରଦାନ କରନ୍ତି । ଦକ୍ଷ ନେତୃତ୍ୱ ସୃଷ୍ଟି ଏବଂ ତଦ୍ୱାରା ଭବିଷ୍ୟତ ରାଜନୈତିକ ନେତୃତ୍ୱ ସୃଷ୍ଟିପାଇଁ ଏକ ତାଲିମ୍ କେନ୍ଦ୍ର ରୂପେ କାର୍ଯ୍ୟ କରନ୍ତି । ସମାଜରେ ବିଭିନ୍ନ ପାରମ୍ପାରିକ ମୂଲ୍ୟବୋଧ ମଧ୍ୟରେ ଥିବା ପାର୍ଥକ୍ୟ ଦୂରକରିବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ତେଣୁ ଏକଥା ସ୍ୱୀକାର କରିବାକୁ ହେବ ଯେ, ଚାପଗୋଷ୍ଠୀ ଉଭୟ ସରକାରୀ ଏବଂ ପ୍ରଶାସନିକ ନିଷ୍ପତ୍ତି ଗ୍ରହଣରେ ପ୍ରମୁଖ ଭୂମିକା ନିଅନ୍ତି । ଭାରତରେ ଥିବା ଭିନ୍ନ ଭିନ୍ନ ଚାପଗୋଷ୍ଠୀ ବିଷୟରେ ତୁମେ ଆଗରୁ ଅବଗତ ଅଛ ।

ଗୋଟିଏ ଦେଶର ରାଜନୈତିକ ଅନୁଷ୍ଠାନଗୁଡ଼ିକ ସେଠାରେ ଥିବା ବିଭିନ୍ନ ଚାପ ଗୋଷ୍ଠୀଗୁଡ଼ିକର ଲକ୍ଷ୍ୟ ସ୍ଥିର କରିଥାନ୍ତି । ଇଂଲଣ୍ଡ, ଆମେରିକା, ଫ୍ରାନ୍ସ ଏବଂ ଅନ୍ୟାନ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରରେ ଚାପଗୋଷ୍ଠୀ ଗୁଡ଼ିକ ସରକାରୀ ନିଷ୍ପତ୍ତି ଗ୍ରହଣଦ୍ୱାରା ଅନେକ ଫାଇଦା ହାସଲ କରିଥାନ୍ତି । ଇଂଲଣ୍ଡରେ କ୍ୟାବିନେଟ୍ ଏବଂ ସାଧାରଣ ସେବା ସଂସଦମାନଙ୍କ ଅପେକ୍ଷା କାର୍ଯ୍ୟଦକ୍ଷ ହୋଇଥିବା ଯୋଗୁଁ ଏହା କ୍ୟାବିନେଟ୍‌ର ବେଶୀ ନିକଟତର ହୋଇଥାଏ । ସରକାରୀ ସାଧାରଣ ସେବା ତୁଳନାରେ । କମ୍‌ନସ୍ ସଭା ଅପେକ୍ଷା କ୍ୟାବିନେଟ୍ ଏବଂ ସରକାରୀ ସେବା ନିକଟରେ ଲବି ସୃଷ୍ଟି କଲେ ଅଧିକ ଲାଭବାନ୍ ହେବା ଲକ୍ଷ୍ୟରେ ଏମାନେ କାର୍ଯ୍ୟ କରନ୍ତି । ଆମେରିକାରେ କଂଗ୍ରେସର କମିଟି ଏବଂ ଏହାର କ୍ଷମତା ସମ୍ପନ୍ନ ଅଧକ୍ଷଙ୍କ ଯୋଗୁଁ ସେମାନଙ୍କୁ ଲକ୍ଷ୍ୟକରି ସ୍ୱାର୍ଥରକ୍ଷା ଦିଗରେ ଏହି ଗୋଷ୍ଠୀ କାର୍ଯ୍ୟ କରିବାକୁ ସୁବିଧା ମଣନ୍ତି । ଆମେରିକାରେ ବାଣିଜ୍ୟ ଏବଂ ଉତ୍ପାଦନ ସଂଘ ସାଧାରଣତଃ ସବୁଠାରୁ ବେଶୀ କ୍ଷମତା ସମ୍ପନ୍ନ ଚାପଗୋଷ୍ଠୀ ଫ୍ରାନ୍‌ସରେ ଜାତୀୟ ଆସେମ୍ବ୍ଲି ଅପେକ୍ଷା ପ୍ରଶାସନକୁ ଚାପଗୋଷ୍ଠୀମାନେ ନିଜର ଲକ୍ଷ୍ୟ ରୂପେ ବିବେଚନା କରିଥାନ୍ତି ।

ଯଦିଓ ଆମେରିକାରେ 'ଲବି' ଏବଂ ଚାପଗୋଷ୍ଠୀ ଗୁଡ଼ିକ ରାଜନୈତିକ ଦଳଗୁଡ଼ିକ ଠାରୁ ଦୂରତ୍ୱ ରକ୍ଷା କରନ୍ତି । ତଥାପି କ୍ଷମତାଶାଳୀ ବାଣିଜ୍ୟିକ ସଂଗଠନଗୁଡ଼ିକ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଘନିଷ୍ଠ ସମ୍ପର୍କ ରଖିଥାନ୍ତି । ଉଦାହରଣ ସ୍ୱରୂପ – AFL - CIO ଆମେରିକାନ୍ ଫେଡ଼େରେସନ୍ ଗଣତାନ୍ତ୍ରିକ ଦଳ ସହ ବ୍ରିଟିଶ୍ ଟ୍ରେଡ୍ ୟୁନିୟନ ଶ୍ରମିକ ଦଳ ସହ ରୋମାନ୍ କ୍ୟାଥେଲିକ୍ ଚର୍ଚ୍ଚ ସହ ଜର୍ମାନୀ ଏବଂ ଇଟାଲୀ ସମ୍ପର୍କ ରକ୍ଷା କରି ନିଜର ସ୍ୱାର୍ଥ ହାସଲ କରନ୍ତି ।

### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୧.୭

**ଶୂନ୍ୟସ୍ଥାନ ପୂରଣ କର ।**

୧। ଚାପଗୋଷ୍ଠୀ ଜନସାଧରଣଙ୍କୁ ବିଭିନ୍ନ ________ ସମସ୍ୟା ସଂମ୍ବନ୍ଧରେ ସଚେତନ କରାନ୍ତି । (ସର୍ବସାଧାରଣ, ଘରୋଇ)

୨। ଗୋଟିଏ ଦେଶର ________ ଚାପଗୋଷ୍ଠୀ ମାନର କାର୍ଯ୍ୟ ତଥା ସେମାନଙ୍କ ମୁଖ୍ୟଲକ୍ଷ୍ୟ ସ୍ଥିର କରନ୍ତି । (ରାଜନୈତିକ ଅନୁଷ୍ଠାନ / ସାମାଜିକ ଅନୁଷ୍ଠାନ)

## ୨୧. ୮ ଚାପଗୋଷ୍ଠୀର ପଦ୍ଧତି

ମନ୍ତ୍ରୀ ଏବଂ ବିଭିନ୍ନ ସରକାରୀ ପଦାଧିକାରୀମାନଙ୍କ ସହ ନିରବଚ୍ଛିନ୍ନ ଯୋଗସୂତ୍ର ରକ୍ଷା କରିବା ଚାପଗୋଷ୍ଠୀର କାର୍ଯ୍ୟ । ସରକାରୀ ବ୍ୟବସ୍ଥାକୁ ପ୍ରଭାବିତ କରିବା ପାଇଁ ଚାପଗୋଷ୍ଠୀ ବିଭିନ୍ନ ପଦ୍ଧତି ଅବଲମ୍ବନ କରିଥାଏ । କେଉଁ ଭିତ୍ତିରେ ସମାଜ ଏବଂ ସେଠାରେ କି ରାଜନୈତିକ ବ୍ୟବସ୍ଥା ପ୍ରଚଳିତ ନୀତିକୁ ଆଧାର କରି

ଆବଶ୍ୟକୀୟ ପଦ୍ଧତି ଅବଲମ୍ବନରେ ଚାପଗୋଷ୍ଠୀ ସିଦ୍ଧହସ୍ତ । ସେମାନଙ୍କର ବିଭିନ୍ନ ଅଭିଯୋଗପତ୍ର ଏବଂ ପତ୍ର ବିନିମୟରେ ସେମାନଙ୍କ ଦାବି ପୂରଣ ପାଇଁ ଚେଷ୍ଟା କରନ୍ତି । ଉଭୟ ସମ୍ବାଦ ଏବଂ ବୈଦ୍ୟୁତିକ ଗଣମାଧ୍ୟମ ଦ୍ୱାରା ଏହି ଗୋଷ୍ଠୀ ସେମାନଙ୍କ ଚିନ୍ତା ଓ ଚେତନା ତଥା ମତାମତକୁ ସରକାର ନିକଟକୁ ପ୍ରେରଣ କରନ୍ତି । ବିଭିନ୍ନ ପ୍ରଚାର ମାଧ୍ୟମରେ ଜନମତକୁ ନିଜ ସପକ୍ଷରେ ନେବାପାଇଁ ପ୍ରଭାବିତ ପ୍ରକ୍ରିୟା ଜାରି ରଖନ୍ତି । 'ଲବି' ମାଧ୍ୟମରେ ସରକାରଙ୍କ ଉପରେ ଚାପ ବୃଦ୍ଧି କରନ୍ତି । କେତେକ କ୍ଷେତ୍ରରେ ମଧ୍ୟ ଏମାନେ ବିଚାର ପ୍ରକ୍ରିୟାକୁ ପ୍ରଭାବିତ କରିଥାନ୍ତି । ନ୍ୟାୟାଧୀଶଙ୍କ ନିଯୁକ୍ତି ତଥା ନ୍ୟାୟ ବିଚାରକୁ ପ୍ରଭାବିତ କରିବା କାର୍ଯ୍ୟ ଏମାନେ ମଧ୍ୟ କରିଥାନ୍ତି । ତେଣୁ ପ୍ରତ୍ୟେକ ଗଣତାନ୍ତ୍ରିକ ରାଜନୈତିକ ବ୍ୟବସ୍ଥାରେ ଚାପଗୋଷ୍ଠୀ ଗୁଡ଼ିକ ଅବିଚ୍ଛେଦ୍ୟ ଅଂଗ ରୂପେ ବିବେଚିତ ହୁଅନ୍ତି । ଦେଶର ଗଣତାନ୍ତ୍ରିକ ମହକ ତଥା ଉତ୍ସାହ ଏମାନଙ୍କ ଦ୍ୱାରା ସୁରକ୍ଷିତ ରହେ । ଅନେକ ସମୟରେ ଏମାନେ ଦୋମୁହାଁ ନୀତି ତଥା ଅବାଞ୍ଛିତ କୌଶଳ ପ୍ରୟୋଗ ହେତୁ ଏମାନଙ୍କୁ ସମାଲୋଚନା ମଧ୍ୟ କରାଯାଏ । ଦୁର୍ବଳ ଚାପଗୋଷ୍ଠୀର ଦାବିଗୁଡ଼ିକୁ ସରକାର କର୍ଣ୍ଣପାତ କରୁନଥିଲା ବେଳେ କ୍ଷମତା ସମ୍ପନ୍ନ ଚାପଗୋଷ୍ଠୀ ଗୁଡ଼ିକ ସେମାନଙ୍କ ଦାବୀ ପୂରଣରେ ସମ୍ପୂର୍ଣ୍ଣ ସଫଳ ହୋଇଥାନ୍ତି । ନିଜ ପ୍ରଭାବ ଜରିଆରେ ଅନେକ ସମୟରେ ବାଣିଜ୍ୟିକ ସଂଘଗୁଡ଼ିକ ଅନ୍ୟ ସଂଗଠନ ସହ ମିଳିମିଶି ଅଯୌକ୍ତିକ ଦାବୀ ଗୁଡ଼ିକୁ ମଧ୍ୟ ଚରିତାର୍ଥ କରିଥାନ୍ତି । ଯଥାର୍ଥରେ, ଗୋଟିଏ ଚାପଗୋଷ୍ଠୀର ସାଙ୍ଗଠନିକ ଦକ୍ଷତା, ଶୃଙ୍ଖଳା ତଥା ନିଜ ସଭ୍ୟମାନଙ୍କ ପ୍ରତିଶୃତି ବଦ୍ଧତା, ସେମାନଙ୍କ ଆର୍ଥିକ ଅବସ୍ଥା, ଜନସାଧାରଣଙ୍କ ଆସ୍ଥାଭାଜନ ହେବା ଏବଂ ସର୍ବୋପରି ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଜଡ଼ିତ ସଂଗଠନଗୁଡ଼ିକ ସହ ଉପଯୁକ୍ତ ଭାବ ବିନିମୟ ଦ୍ୱାରା ସେମାନେ ଜନାଦୃତ ହୋଇପାରନ୍ତି ।

ରାଜନୈତିକ ତଥା ବ୍ୟକ୍ତିଗତ ଉଦ୍ଦେଶ୍ୟ ରଖି କାର୍ଯ୍ୟ କରୁଥିବା ଚାପଗୋଷ୍ଠୀ, ଅନେକ ସମୟରେ ଚରମପନ୍ଥୀ କାର୍ଯ୍ୟ ଯଥା – ଧାରଣା, ଶୋଭାଯାତ୍ରା, ଅନଶନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିଥାନ୍ତି ।

ଜନକଲ୍ୟାଣ କାର୍ଯ୍ୟକ୍ରମ ଯଥା, ଶାନ୍ତି ବଜାୟ ରଖିବା, ପରିବେଶର ସୁରକ୍ଷା ଏବଂ ମାନବିକ ଅଧିକାର ଆଦି ପୂରଣ କ୍ଷେତ୍ରରେ ଏମାନେ ସୁସଂଗଠିତ ଜନମତ ସୃଷ୍ଟି ଏବଂ ଉତ୍ତମ ଦୟାଭାବ ତଥା ଚିନ୍ତାଯୁକ୍ତ ପଦ୍ଧତି ଅବଲମ୍ବନ କରି ମଣିଷର ସୁରକ୍ଷା ତଥା ସୁଖ ପାଇଁ କାର୍ଯ୍ୟ କରି ଚାଲିଛି । ଆନ୍ତର୍ଜାତୀୟ ଏକତା କାର୍ଯ୍ୟକ୍ରମ ଏବଂ ବିଭିନ୍ନ ଜାତୀୟ କାର୍ଯ୍ୟକ୍ରମର ପ୍ରଚାର ଦ୍ୱାରା ଏମାନେ ନିଜ ନିଜର କାର୍ଯ୍ୟକ୍ରମ ଜାରି ରଖିଥାନ୍ତି । ଏଡ୍‌ସ ଭଳି ଭୟଙ୍କର ବେମାର, ଆତଙ୍କବାଦୀ କାର୍ଯ୍ୟ ତଥା ପରମାଣୁ ବୋମା ନିରୋଧକ କାର୍ଯ୍ୟକ୍ରମ ଇତ୍ୟାଦି ଏହାର ଉଦାହରଣ ଅଟେ ।

ଉପରୋକ୍ତ ସମସ୍ତ କାର୍ଯ୍ୟ ଚାପଗୋଷ୍ଠୀର କାର୍ଯ୍ୟ ପରିସରଭୁକ୍ତ ଅଟେ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୧.୮

**ଶୂନ୍ୟସ୍ଥାନ ପୂରଣ କର ।**

(କ) ଚାପଗୋଷ୍ଠୀ ଗୁଡ଼ିକ __________ ପଦ୍ଧତି ଅବଲମ୍ବନ କରି ସରକାରଙ୍କ ଉପରେ ଚାପ ସୃଷ୍ଟି କରନ୍ତି । (ନରମ ପନ୍ଥୀ / ଚରମପନ୍ଥୀ)

(ଖ) __________ ଚାପଗୋଷ୍ଠୀ ଗୁଡ଼ିକ ସେମାନଙ୍କ ଦାବୀ ପୂରଣରେ ସକ୍ଷମ ହୋଇଥାନ୍ତି । (ଦକ୍ଷ ଓ ଦୃଢ଼ / ଦୁର୍ବଳ)

(ଗ) ଚାପଗୋଷ୍ଠୀ ଗୁଡ଼ିକ ନିଜ ମତକୁ ନିଜ ସପକ୍ଷରେ ପ୍ରଭାବିତ କରିବା ଉଦ୍ଦେଶ୍ୟରେ __________ ପଦ୍ଧତି ଅବଲମ୍ବନ କରିଥାନ୍ତି । (ପ୍ରଚାର କାର୍ଯ୍ୟକ୍ରମ / ଗୋପନୀୟ କାର୍ଯ୍ୟକ୍ରମ)



Notes

## ତୁମେ କ'ଣ ଶିକ୍ଷା କଲ

ଉପରୋକ୍ତ ବିଷୟରେ ତୁମ୍ଭେମାନେ ଜନମତ ଏବଂ ଚାପଗୋଷ୍ଠୀ ବିଷୟରେ ଅବଗତ ହେଲ । ଜନମତ ହେଉଛି ଜନ ସାଧାରଣଙ୍କ ସୁଚିନ୍ତିତ ମତ । ଏହା ବ୍ୟକ୍ତିଗତ ମତଗୁଡ଼ିକର ସୁସଂଗଠିତ ସମାହାର ଅଟେ । ନୂତନ ସୂଚନା, ପରିସ୍ଥିତି ଏବଂ ସମୟ କ୍ରମେ ଜନମତ ବଦଳି ଯାଇପାରେ । ଗଣତାନ୍ତ୍ରିକ ବ୍ୟବସ୍ଥାର ସୁପରିଚାଳନା ପାଇଁ ଜନମତ ଏକ ଆବଶ୍ୟକୀୟ ଉପାଦାନ ଅଟେ । ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସହ ସରକାରୀ ନିଷ୍ପତ୍ତି ଗୁଡ଼ିକ ଅନେକ ସମୟରେ ପ୍ରଭାବିତ ହେବା ଦେଖାଯାଏ । ସମ୍ବାଦପତ୍ର, ବୈଦ୍ୟୁତିକ ଗଣମାଧ୍ୟମ, ଜନମତ ସଂଗ୍ରହ, ରାଜନୈତିକ ସାମାଜିକି କରଣ, ରାଜନୈତିକ ଦଳ ଇତ୍ୟାଦି ଦକ୍ଷ ଜନମତ ସୃଷ୍ଟିର ମାଧ୍ୟମ ରୂପେ କାର୍ଯ୍ୟ କରିଥାନ୍ତି । ନିରକ୍ଷରତା, ଭିନ୍ନ ଦୃଷ୍ଟୀଭଙ୍ଗୀ, ଦାରିଦ୍ର୍ୟ, ଶଠତା ଏବଂ ସାପେକ୍ଷ ସମ୍ବାଦପତ୍ର ଗୁଡ଼ିକ ସଂଗଂିତ ଜନମତ ସୃଷ୍ଟିରେ ବାଧକ ହୋଇ ଥିବା କାରଣରୁ ଦେଶରୁ ଏସବୁକୁ ଦୂର କରାଯାଇପାରିଲେ ସୁସ୍ଥ ଏବଂ ସଂଗଠିତ ଜନମତ ସୃଷ୍ଟି କରିବା ସହଜ ଏବଂ ସମ୍ଭବ ହୋଇପାରିବ ।

ସମାଜରେ କେତେକ ସ୍ୱେଚ୍ଛାସେବୀ ସଂଗଠିତ ଗୋଷ୍ଠୀ ନିଜର ସ୍ୱତନ୍ତ୍ର ସ୍ୱାର୍ଥର ସୁରକ୍ଷା ପାଇଁ ରାଜନୈତିକ ଦଳ ପରି କ୍ଷମତା ପିପାସୁ ନହୋଇ ସ୍ୱତନ୍ତ୍ର ଗୋଷ୍ଠୀ ସୃଷ୍ଟି ମାଧ୍ୟମରେ ଚାପ ସୃଷ୍ଟି କରି ନିଜର ଲକ୍ଷ୍ୟ ପୂରଣ କରିବା ପାଇଁ ଚାପଗୋଷ୍ଠୀର କାର୍ଯ୍ୟ କରନ୍ତି । ଏମାନେ ସରକାରଙ୍କ ଉପରେ ଚାପ ସୃଷ୍ଟି କରି ତଥା ବିଭିନ୍ନ କୌଶଳ ଅବଲମ୍ବନ କରି ସେମାନଙ୍କ ସ୍ୱାର୍ଥ ପୂରଣ କରିପାରୁଥିବାରୁ ସେମାନଙ୍କୁ ଚାପ ଗୋଷ୍ଠୀ କୁହାଯାଏ । ଦେଶରେ ପ୍ରଚଳିତ ଦଳୀୟ ବ୍ୟବସ୍ଥାକୁ ଭିତ୍ତିକରି ଚାପଗୋଷ୍ଠୀର ପଦ୍ଧତି ଏବଂ କାର୍ଯ୍ୟ ଶୈଳୀ କାର୍ଯ୍ୟକାରୀ ହୋଇଥାଏ । ଭାରତୀୟ ଶୀଳ୍ପ ବାଣିଜ୍ୟିକ ସଂଘ, ବ୍ୟବସାୟୀ ସଂଘ, ଇତ୍ୟାଦି ଚାପଗୋଷ୍ଠୀ ଭାରତ ତଥା ଅନ୍ୟାନ୍ୟ ରାଜରେ ଥିବାର ଆମେ ଏଥିରୁ ଜାଣିଲେ । ଏମାନେ ବିଭିନ୍ନ ଗଣତାନ୍ତ୍ରିକ ତଥା ଅଗଣତାନ୍ତ୍ରିକ ପଦ୍ଧତି ପ୍ରୟୋଗ କରି ସରକାରଙ୍କ ଦ୍ୱାରା ସେମାନଙ୍କର ଦାବୀ ପୂରଣ କରନ୍ତି । କିନ୍ତୁ ଏମାନେ ସରକାରୀ ନୀତିକୁ ପ୍ରଭାବିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ।

## ପାଠ୍ୟାନ୍ତ ଅଭ୍ୟାସ

୧। ଜନମତ କ'ଣ, ବୁଝାଅ ।
୨। ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନମତର ଭୂମିକା ପରୀକ୍ଷା କର ?
୩। ଜନମତର ବିଭିନ୍ନ ମାଧ୍ୟମ ଗୁଡ଼ିକ ବର୍ଣ୍ଣନା କର ।
୪। ସୁସ୍ଥ ଏବଂ ସଂଗଠିତ ଜନମତ ଗଠନର ପ୍ରତିବନ୍ଧକ ଗୁଡ଼ିକ ବର୍ଣ୍ଣନା କର ।
୫। ଭାରତରେ ଚାପଗୋଷ୍ଠୀ ଗୁଡ଼ିକୁ କେଉଁ ଆଧାରରେ ବର୍ଗୀକରଣ କରାଯାଇପାରେ ଆଲୋଚନା କର ।
୬। ଚାପ ଗୋଷ୍ଠୀର ଭୂମିକା ବର୍ଣ୍ଣନା କର ।
୭। ଭାରତରେ ଚାପଗୋଷ୍ଠୀ ଗ୍ରହଣ କରୁଥିବା ବିଭିନ୍ନ ପଦ୍ଧତି ଗୁଡ଼ିକ ବିଶ୍ଳେଷଣ କର ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୨୧.୧**

(କ) ସାଧାରଣ
(ଖ) ସଂଗଠିତ ଏବଂ ବିଚାର୍ଯ୍ୟ
(ଗ) ନୁହେଁ
(ଘ) ନୁହେଁ ।

**୨୧.୨**

୧। (କ) ଜନମତ (ଖ) ସତର୍କ ପ୍ରହରୀ
(ଗ) ଅଟନ୍ତି

୨। (କ) ମିଥ୍ୟା (ଖ) ସତ୍ୟ
(ଗ) ମିଥ୍ୟା (ଘ) ସତ୍ୟ

**୨୧.୩**

୧। (କ) ସତ୍ୟ (ଖ) ମିଥ୍ୟା
(ଗ) ମିଥ୍ୟା (ଘ) ସତ୍ୟ
(ଙ) ସତ୍ୟ (ଚ) ମିଥ୍ୟା

୨। (କ) ଅଶିକ୍ଷିତ (ଖ) ପ୍ରାକୃତିକ
(ଗ) ଦେଖଣାହାରୀ ।

**୨୧.୪**

(କ) ମୁକ୍ତ ଏବଂ ନିରପେକ୍ଷ (ଖ) ଜାତି ଏବଂ ଗୋଷ୍ଠୀ
(ଗ) ସନ୍ତୁଳିତ

**୨୧.୫**

(କ) ଚାପ (ଖ) ରାଜନୈତିକ ଦଳଗୁଡ଼ିକ
(ଗ) ଜନମତ (ଘ) ଅଲଗା
(ଙ) ପ୍ରଭାବିତ କରେ

**୨୧.୬**

(କ) ଜନସାଧାରଣ (ଖ) ସରକାର ଏବଂ ନାଗରିକ
(ଗ) ରାଜନୈତିକ ଅନୁଷ୍ଠାନ

**୨୧.୭**

(କ) ଚରମ ପନ୍ଥୀ (ଖ) ଦକ୍ଷ କିମ୍ବା ଦୃଢ଼
(ଗ) ପ୍ରଚାର ।

## ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା

୧। ୨୧.୧ ବିଷୟ ପଢ଼ ।
୨। ୨୧.୨ ବିଷୟ ପଢ଼ ।
୩। ୨୧.୩ ବିଷୟ ପଢ଼ ।
୪। ୨୧.୪ ବିଷୟ ପଢ଼ ।
୫। ୨୧.୫ ବିଷୟ ପଢ଼ ।
୬। ୨୧.୬ ବିଷୟ ପଢ଼ ।
୭। ୨୧.୭ ବିଷୟ ପଢ଼ ।